# ରଗଡ଼ି ଛକରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ ଗାଏବ

କୋରେଇ,୧୭।୨(ସମିସ):



କୋରେଇ ଥାନା ୨୦ନଂ ଜାତୀୟ ରାଜପଥ ରଗଡି ଛକ ସରକାରୀ ପଲିଟେକନିକ କଲେଜ ନିକଟରେ ଏନଏଚ୍‌ଏଆଇ ପକ୍ଷରୁ ଲାଗିଥିବା ୩୦ରୁ ୨୫ଟି ଷ୍ଟ୍ରିଟଲାଇଟ ଉଭାନ ହୋଇଯାଇଛି। ଆଉ ଯେଉଁ କେତୋଟି ଅଛି ତାହା ଅଚଳ ଅବସ୍ଥାରେ ରହିଛି। ଯାହା ଫଳରେ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧାରରେ ରହୁଛି। ପାଞ୍ଚ ବର୍ଷ ତଳେ ସମସ୍ତ ଲାଇଟ୍ ଚୋରି ହୋଇ ଯିବା ପରେ ଦୀର୍ଘ ଦିନ ବ୍ୟବଧାନ ପରେ ବର୍ଷକ ତଳେ ପୁନର୍ବାର ଲାଇଟ ଲାଗିବାର ବ୍ୟବସ୍ଥା କରାଯାଇଥିଲା। ବର୍ଷକ ଭିତରେ କିଛି କିଛି କରି ସମସ୍ତ ଲାଇଟ୍ ଚୋରି ହୋଇ ଯାଇଛି। ଉକ୍ତ ସ୍ଥାନ ନିଛାଟିଆ ଥିବା, ଭାରୀଯାନ ରହଣି ସ୍ଥାନ ଓ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଲାଇଟ୍‌ର ବ୍ୟବସ୍ଥା କରାଯାଇଥିଲା। ଏଠାରେ କେନ୍ଦୁଝରରୁ ଲୁହାପଥର ଗୁଣ୍ଡ ନେଇ ଆସୁଥିବା ଗାଡି ଗୁଡିକ ଦିନରାତି ଠିଆ ହୋଇ ରହୁଥିବା ବେଳେ ଏହାର କର୍ମଚାରୀ ବିଶ୍ରାମ ନିଅନ୍ତି। ଏହା ବ୍ୟତୀତ ଏନଏଚ୍‌ର ପାଟ୍ରୋଲିଂ ଗାଡି ମଧ୍ୟ ଦିନରାତି ଯାତାୟତ କରୁଛି। କୋରେଇ ପୁଲିସ ପାଟ୍ରୋଲିଂ ଗାଡି ମଧ୍ୟ ରାତିରେ ପଇଁତରା ମାରୁଛି। ଖୁଣ୍ଟରେ ଚଢ଼ି ଲାଇଟ୍ ଚୋରି କରିବା ସମୟ ସାପେକ୍ଷ ହୋଇଥିବା ବେଳେ କିଭଳି ଭାବେ ଚୋର ଏଥିରେ ସକ୍ଷମ ହେଉଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଏନଏଚ୍‌ଏଆଇ ଅଧିକାରୀଙ୍କ ପାଖରେ କୌଣସି ଖବର ମଧ୍ୟ ରହୁନାହିଁ। ସ୍ଥାନୀୟ ଲୋକଙ୍କ ଠାରୁ ଅଭିଯୋଗ ପାଇବା ପରେ ସେମାନେ ଏହାର ତଦନ୍ତ କରୁଛନ୍ତି; ଫଳ କିନ୍ତୁ ଶୂନ। ପୁଲିସ ନିକଟରେ ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଚୋର ଧରିବାରେ କି ଚୋରି ଲାଇଟ ଠାବ କରିବାରେ ପୁଲିସ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କେବଳ ଏଠାରେ ଲାଇଟ ଲାଗିଥିବାର ପରିଚୟ ଦେଇ ଖୁଣ୍ଟ ଗୁଡିକ ଛିଡା ହୋଇ ରହିଛି। ସ୍ଥାନୀୟ ଅଞ୍ଚଳ ର କେହି ନା କେହି ଲାଇଟ ଚୋରିରେ ସମ୍ପୃକ୍ତ ଥିବା ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ କିଛି ଅନୈତିକ କାର୍ଯ୍ୟ ଚାଲୁଥିବା ଲୋକେ ଆଶଙ୍କା ପ୍ରକାଶ କରି ଆଲୁଅ ବ୍ୟବସ୍ଥା ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ଓ ଏଥିପାଇଁ ଏହାକୁ ଚୋରି କରି ନେଇଯିବା ଏକ କାରଣ ହୋଇ ଥାଇ ପାରେ ବୋଲି କୁହାଯାଇଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ତଥା ପୁଲିସ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

■ ଆଜି ଯୁକ୍ତ ୨ ପରୀକ୍ଷା

## ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପୁଛି କଲେଜ ପରିସର

ବଡ଼ଚଣା,୧୭।୨(ସମିସ): ଆସନ୍ତାକାଲି ଆରମ୍ଭ ହେଉଛି ଯୁକ୍ତ ୨ପରୀକ୍ଷା। ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ମାନଙ୍କୁ ପ୍ରଶ୍ନପତ୍ର ଓ ଉତ୍ତର ଖାତା ପଠା ଯାଇଛି। ପ୍ରଥମ ଥର ପାଇଁ ଜେପିଏସ୍ ମାଧ୍ୟମରେ ପ୍ରଶ୍ନ ପତ୍ର ଓ ଉତ୍ତର ଖାତା ଗୁଡିକ କେନ୍ଦ୍ର ମାନଙ୍କୁ ଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ଏଗୁଡ଼ିକୁ କଣ୍ଟ୍ରୋଲ ରୁମ୍‌ରେ ରଖା ଯାଇଛି। ଏଥିପାଇଁ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ମାଧ୍ୟମରେ ନଜର ରଖାଯାଇଛି। ମାତ୍ର ଏହାର ବ୍ୟତିକ୍ରମ ଦେଖାଯାଇଛି ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ। ଆସନ୍ତାକାଲି ଯୁକ୍ତ ୨ପରୀକ୍ଷା ଥିବା ବେଳେ ଆଜି କଲେଜ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଇ କଲେଜ ପରିସର ଡିଜେ ଶବ୍ଦରେ ପ୍ରକମ୍ପିତ ହୋଇଛି। ଛାତ୍ରାବାସରେ ଥିବା ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଶେଷ କରି ପ୍ରଶ୍ନପତ୍ର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜ ପରିସରରେ ଅଣଛାତ୍ରମାନଙ୍କ ଅବାଧ ପ୍ରବେଶ ଚାଲିଛି। ଏ ସଂପର୍କରେ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଲେ ଆସନ୍ତାକାଲି ପରୀକ୍ଷା ହେବ। ଏଥିପାଇଁ କୌଣସି ଅସୁବିଧା ହେବନାହିଁ। କଲେଜରେ ସବୁବେଳେ ପରୀକ୍ଷା ଚାଲୁଛି। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ପଇସା ଦେଇଛନ୍ତି। ଏହା ନ କଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବ। ଏଥିପାଇଁ ଦୁଇଦିନ ଧରି ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆସି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାହତ ହେବା ସହିତ କଲେଜ ପରିସରରେ ଶୈକ୍ଷିକ ପରିବେଶ ବ୍ୟାହତ ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନର ଅଧ୍ୟକ୍ଷ ଓ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକାମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକମାନଙ୍କ ପକ୍ଷରୁ ଦାବି ହେଉଛି।

## ନବବଧୂଙ୍କୁ ନିର୍ଯାତନା ନେଇ ଥାନାରେ ମାମଲା

ଯାଜପୁର,୧୭।୨(ସମିସ): ଯାଜପୁର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ନିବାସୀ ତଥା ଲଳିତେଶ୍ୱରରେ ଅବସ୍ଥାନ କରୁଥିବା ରବୀନ୍ଦ୍ର ଓଝା ତାଙ୍କ ପତ୍ନୀ ମାନସୀରାଣୀ ଓଝା, ବିବାହିତ ପୁତ୍ର ଆକାଶ କୁମାର ଓଝାଙ୍କ ସମେତ ପରିବାରର ୭ ଜଣଙ୍କ ବିରୋଧରେ ରବି ଓ ମାନସୀଙ୍କ ପୁତ୍ରବଧୂ ଦିପ୍ତିମୟୀ ଓଝା(୨୮) ଯାଜପୁର ଥାନାରେ ନିର୍ଯାତନା ମାମଲା ନେଇ ଅଭିଯୋଗ କରିଛନ୍ତି। ଗତ ୭ ତାରିଖରେ ଦିପ୍ତିମୟୀ ତାଙ୍କ ସ୍ୱାମୀ, ଶ୍ୱଶୁର, ଶାଶୂଙ୍କ ସମେତ ପରିବାର ଲୋକେ ତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ ବୋଲି ଅଭିଯୋଗ କରିଛନ୍ତି। ଗତ ୨୦୨୪ ଡିସେମ୍ବର ୧୧ ତାରିଖରେ ଧର୍ମଶାଳା ଥାନା ନିଳାଦେଇପୁର ଗ୍ରାମର ଦୁର୍ଯ୍ୟୋଧନ ଓଝାଙ୍କ ଝିଅକୁ ରବୀନ୍ଦ୍ର ଓଝାଙ୍କ ବଡ଼ପୁଅ ଆକାଶ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସଂପର୍କ ଭଲ ନଥିଲା। ସ୍ୱାମୀଙ୍କର ପରକିଆ ପ୍ରୀତି ଥିଲା ବୋଲି ଦିପ୍ତିମୟୀ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ପ୍ରତିବାଦ କଲେ ଆକାଶ ତାଙ୍କୁ ମାରଧର କରୁଥିବା ଓ ନିର୍ଯାତନା ଦେଉଥିବା କହିଛନ୍ତି। ଏ ସଂପର୍କରେ ଶାଶୂ ଶ୍ୱଶୁରଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଗତ ୩ ତାରିଖ ଦିନ ତାଙ୍କୁ ଘରେ ପୂରାଇ ଶାଶୂ ଓ ଶ୍ୱଶୁର ମାଡ଼ ମାରିବା ସହିତ ଚୁଟି ଘୋଷାରି ପିଟାପିଟି କରିବାରୁ ଘର ମାଲିକ ଓ ସ୍ଥାନୀୟ ଲୋକ ମାନେ ଆସି ଉଦ୍ଧାର କରିଥିଲେ। ଏ ସଂପର୍କରେ ଗତ ୭ ତାରିଖରେ ଯାଜପୁର ଥାନାରେ ଦିପ୍ତିମୟୀ ତାଙ୍କ ନିର୍ଯାତନା ଓ ବିଭିନ୍ନ ସମସ୍ୟା ନେଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୧୭ ତାରିଖ ଦିନ ଉଭୟ ପକ୍ଷଙ୍କୁ ଡାକି କାଉନସେଲିଂ କରିଥିବା ବେଳେ ଅଭିଯୋଗକାରିଣୀ ଦିପ୍ତିମୟୀ ତାଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ ଆଣି ଆପୋଷ ମିଳାମିଶାରେ ସେ ରାଜିନଥିବା କହିବାରୁ ପୁଲିସ ନିକଟରେ ମାମଲା ରୁଜୁ ପାଇଁ ଏତଲା ଦାଖଲ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଶ୍ୱଶୁର ରବୀନ୍ଦ୍ର ଏବଂ ମାନସୀଙ୍କୁ ଏନେଇ ପଚାରିବାରୁ ସେମାନେ କହିଛନ୍ତି ଯେ ବୋହୂ ଦିପ୍ତିର ଅଭିଯୋଗ ସଂପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ ଅଟେ। ତେବେ ମାମଲା ରୁଜୁ ପରେ ଏହାର ବିଧିବଦ୍ଧ ତଦନ୍ତ ହୋଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଶରତ କୁମାର ନାୟକ ସୂଚନା ଦେଇଛନ୍ତି।

ବଳାତ୍କାର ଉଦ୍ୟମ ମାମଲାରେ ହାତବାନ୍ଧି ବସିଛି ପୁଲିସ

## ପରିବାରର ସୁରକ୍ଷା ପାଇଁ ଏସ୍‌ପିଙ୍କୁ ଗୁହାରି

ପାଣିକୋଇଲି,୧୭।୨(ସମିସ): ଯାଜପୁର ଜିଲ୍ଲା ମଙ୍ଗଳପୁର ପୁଲିସ ବଳାତ୍କାର ଉଦ୍ୟମ ମାମଲାରେ କେବଳ ମାମଲା ରୁଜୁ କରି ହାତବାନ୍ଧି ବସିଛି। ଅଭିଯୁକ୍ତ ମାନେ ଜୀବନରୁ ମାରଦେବା ସହ ଝିଅମାନଙ୍କୁ ବଳାତ୍କାର କରିବାର ଧମକ ଦେଉଥିଲେ ମଧ୍ୟ ପୁଲିସ ସାଜିଛି ନୀରବଦ୍ରଷ୍ଟା। ଥାନାରୁ ନ୍ୟାୟ ନପାଇ ଶେଷରେ ନିରାଶ ହୋଇ ପରିବାରର ସୁରକ୍ଷା ସହ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପୀଡ଼ତା। ପ୍ରକାଶଯେ ମଙ୍ଗଳପୁର ଥାନା ଅନ୍ତର୍ଗତ ନୂଆପାଟଣା ପାରିପଦା ଗ୍ରାମର କାବୁଲା ମଳିକଙ୍କ ସ୍ତ୍ରୀ ଚାରୁଲତା ମଳିକଙ୍କ ଅଭିଯୋଗ ମୁତାବକ ଗତ ଜାନୁଆରୀ ୨୯ ତାରିଖ ତାଙ୍କ ସ୍ୱାମୀ ଘରେ ନଥିଲେ। ରାତ୍ରୀରେ ଘର ବାହାରକୁ ଶୌଚ ପାଇଁ ମାଳତୀ ଉଠିଥିବା ବେଳେ ତାଙ୍କ ଗ୍ରାମର



ନିଶିକାନ୍ତ ମଳିକ ତାଙ୍କ ପାଟିରେ କପଡ଼ା ପୂରାଇ ଜୋର ଜବରଦସ୍ତ ବାଡ଼ି ପଟକୁ ଟେକି ନେଇ ବଳାତ୍କାର ଉଦ୍ୟମ କରିଥିଲା। ଏହି ସମୟରେ କୁକର ଭୁକିବାରୁ ପଡ଼ିଶା ଲୋକମାନେ ଉଠି ପଡିଥିଲେ। ଫଳରେ ଚାରୁଲତାକୁ ମାଡ଼ମାରି ଘଟଣାସ୍ଥଳୁ ନିଶିକାନ୍ତ ଫେରାର ହୋଇଯାଇଥିଲା। ଏନେଇ ମଙ୍ଗଳପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୩/୨୬ ରୁଜୁ କରି ହାତବାନ୍ଧି ବସିଛି। ପୂର୍ବଶତ୍ରୁତା ଥିବା ଫଳରେ ଅଭିଯୁକ୍ତ ଖୁଲମଖୁଲା ଧମକ ଦେବା ସହ ଘରର ଝିଅମାନଙ୍କୁ ମଧ୍ୟ ବଳାତ୍କାର କରିବାକୁ ଧମକ ଦେଉଛି। ଫଳରେ ପରିବାର ଭୟଭୀତ ଅଛନ୍ତି। ଥାନାରୁ ନ୍ୟାୟ ନପାଇ ଶେଷରେ ନିରାଶ ହୋଇ ଚାରୁଲତା ପରିବାରର ସୁରକ୍ଷା ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

● ବୋମା ମାଡ଼ରେ ଆହତ ପରିବାର

## ସୁରକ୍ଷା ଦେଉନି ଜେନାପୁର ପୁଲିସ



ପାଣିକୋଇଲି,୧୭।୨(ସମିସ): ବୋମା ମାଡ଼ରେ ଆହତ ପରିବାକୁ ସୁରକ୍ଷା ଦେଉନି ଜେନାପୁର ପୁଲିସ ଏମିତିକି ମାମଲା ରୁଜୁ ମଧ୍ୟ କରୁନି। ପରିବାରର ସୁରକ୍ଷା ପାଇଁ ଏସପିଙ୍କୁ ଗୁହାରୀ କରିଛନ୍ତି ପୀଡ଼ିତ ପରିବାର। ପ୍ରକାଶଯେ ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଳବା (ହାଟସାହି) ଗ୍ରାମର ରବୀନ୍ଦ୍ର ମଳିକଙ୍କ ସ୍ତ୍ରୀ ମାଳତୀ ମଳିକଙ୍କ ଅଭିଯୋଗ ମୁତାବକ ଗତ ଫେବୃଆରୀ ୧୪ ତାରିଖ ସନ୍ଧ୍ୟାରେ ତାଙ୍କ ପରିବାରକୁ ତାଙ୍କ ଗ୍ରାମର କିଛି ବ୍ୟକ୍ତି (୯ଜଣ) ସଘବଦ୍ଧ ଆକ୍ରମଣ କରି ବୋମା ମାଡ଼ ସହ ଠେଙ୍ଗାରେ ପିଟି ଅକ୍ରମଣ କରିଥିଲେ। ବୋମା ମାଡରେ ତାଙ୍କ ପରିବାର ସାରା ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ପ୍ରଥମେ ଧର୍ମଶାଳା ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ଗ୍ରାମରେ ହୋଇଥିବା ଏକ ରାଜନୈତିକ ଘଟଣାକୁ କେନ୍ଦ୍ର କରି ଗ୍ରାମର ଗୋବିନ୍ଦ ବେହେରା, ସନ୍ତୋଷ ବେହେରା, ବିପନ ବେହେରା, ଧକେଇ ବେହେରା, କୁଳମଣି ତରାଇ, ରବୀନ୍ଦ୍ର ତରେଇ, ଶୁକୁଟା ବେହେରା, ଅମରେନ୍ଦ୍ର ପଣ୍ଡା ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏନେଇ ୧୫ ତାରିଖ ଜେନାପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁନି କି କାର୍ଯ୍ୟାନୁଷ୍ଠାନ ନେଉନି। ଆହତ ପରିବାର ଏବେ ଭୟରେ ରହିଛନ୍ତି। ନିଜ ପରିବାରର ସୁରକ୍ଷା ପାଇଁ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

## ମୋବାଇଲ ଛଡେଇ ନେଲେ ଲୁଟେରା

କବାଟବନ୍ଧ,୧୭।୨ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଚଢ଼େଇଧରା ନିକଟରେ ହାଇୱେ ଲୁଟେରାଙ୍କ ଦ୍ୱାରା ଏକ ମୋବାଇଲ ଫୋନ ଲୁଟ ହୋଇଥିବା ଜେନାପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଏହି ଥାନା ଅନ୍ତର୍ଗତ ସଂପାରୁ ପଞ୍ଚାୟତ ଶରତ ମଲ୍ଲିକଙ୍କ ପୁଅ ଜୟଦ୍ରଥ ମଲ୍ଲିକଙ୍କ ଅଭିଯୋଗ ଅନୁସାରେ ସୋମବାର ଅପରାହ୍ନ ପ୍ରାୟ ୫.୨୦ ମିନିଟ ସମୟରେ ବାଇକ ଯୋଗେ ଡୁବୁରୀ ପଟରୁ ନିଜ ବନ୍ଧୁ ଘରୁ ଫେରୁଥିବା ସମୟରେ ଚଢେଇଧରା ଫାୟାର ଷ୍ଟେସନ ନିକଟରେ ଥିବା ପେଟ୍ରୋଲ ପମ୍ପକୁ ତେଲ ପକାଇବା ପାଇଁ ଯାଉଥିବା ସମୟରେ ଏହି ଲୁଟ ହୋଇଥିଲା। ପେଟ୍ରୋଲ ପମ୍ପକୁ ଯିବା ପାଇଁ ଜୟଦ୍ରଥ ଗାଡ଼ିର ସ୍ପିଡ଼ କମାଇବା ପରେ ଲୁଟେରା ମାନେ ଏକ ନମ୍ବର ବିହୀନ ବାଇକରେ ଆସି ତାଙ୍କ ସାର୍ଟପକେଟରୁ ତାଙ୍କର ଏକ ଓପ୍ପୋ ମୋବାଇଲ ଫୋନ ନେଇ ଦ୍ରୁତ ଗତିରେ ଚଣ୍ଡିଖୋଲ ପଟକୁ ପଳାଇ ଯାଇଥିଲେ। ଜୟଦ୍ରଥ ଲୁଟେରାଙ୍କ ଧରିବା ପାଇଁ ତାଙ୍କ ପଛରେ କିଛି ବାଟ ଯାଇଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ।

## ସଙ୍ଗବଦ୍ଧ ଆକ୍ରମଣ ଘଟଣାରେ ମାମଲା ରୁଜୁ

ଯଖପୁରା,୧୭।୨(ସମିସ): ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଖରଡ଼ି ଠାରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ମାମଲା ରୁଜୁ କରିଛି। ଯଖପୁରା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବାବୁଲି ମଳିକଙ୍କ ପୁଅଙ୍କ ସହ ଖରଡ଼ି ଗାଁର ନାଲୁ ପ୍ରଧାନଙ୍କ ପୁଅଙ୍କ ସହ ତେଲିବାହାଳୀ ମହୋତ୍ସବରେ କୌଣସି କାରଣ ବଶତଃ ଝଗଡା ହୋଇଥିଲା। ଏହାକୁ ନେଇ ଗତ ୧୩ ତାରିଖ ଦିନ ବାବୁଲି ମଳିକ ଓ ତାଙ୍କ ସ୍ତ୍ରୀ ଦାନଗଦି ଯାଉଥିବା ବେଳେ ପୂର୍ବଯୋଜନା ମୁତାବକ ଖରଡ଼ି ଛକରେ ନାଲୁ ପ୍ରଧାନ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ବାବୁ ପ୍ରଧାନ, ଦେବ ପ୍ରଧାନ, କାଳିଆ ପ୍ରଧାନ, ଚଗୁଲୁ ଗେଡିଙ୍କ ସହ ଦଶରୁ ଉର୍ଦ୍ଧ୍ୱ ଯୁବକ ହାତରେ ଠେଙ୍ଗା ବାଡ଼ି, ବିଭିନ୍ନ ପ୍ରକାର ମାରଣାସ୍ତ୍ରଧରି ବାବୁଲି ମଳିକଙ୍କ ଜାତିଭେଦକୁ ନେଇ ଅଶାଳୀନ ମନ୍ତବ୍ୟ ଦେଇ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ରାଜରାସ୍ତା ଉପରେ ସଙ୍ଗବଦ୍ଧ ଆକ୍ରମଣ କରି ଦୁଇ ହଜାର ଟଙ୍କା ସହ ଗୋଟିଏ ମୋବାଇଲ ଲୁଟି ନେଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଫଳରେ ବାବୁଲି ମଳିକ ଯାଜପୁରରୋଡ଼ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଏହାକୁ ନେଇ ବାବୁଲି ମଳିକଙ୍କ ପତ୍ନୀ ବଉଳ ମଳିକ ଯାଜପୁରରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାଜପୁରରୋଡ଼ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଦାନଗଦି ଫାଣ୍ଡି ଓଆଇସି ଘଟଣାର ଅନୁଧ୍ୟାନ କରିଥିଲେ। ୧୧୫/୨୦୨୬ରେ ମାମଲା ପଞ୍ଜିକୃତ କରି ଆକ୍ରମଣକାରୀଙ୍କ ବିରୋଧରେ ୧୦ରୁ ଉର୍ଦ୍ଧ ସଂଗୀନ ଦଫା ଲଗାଇ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ଆକ୍ରମଣର ଶିକାର ହୋଇଥିବା ଦଳିତ ପରିବାରବର୍ଗଙ୍କୁ ସୁରକ୍ଷା ପ୍ରଦାନ ସହ ଅବିଳମ୍ବେ ଗିରଫ କରିବାକୁ ସିଭିଲ ସୋସାଇଟି ଯାଜପୁର, ଆମ୍ବେଦକର ଫାଉଣ୍ଡେସନ, ଆମ୍ବେଦକରବାଦୀ ଗଣ ସଂଗଠନ ଗୁଡିକ ପକ୍ଷରୁ ଦାବି କରାଯାଇଛି।

■ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ନିୟମିତ ଆସୁ ନାହାଁନ୍ତି ଡାକ୍ତର




ସିଂହପୁର,୧୭।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ନିଯୁକ୍ତ ଅଛନ୍ତି। ଫାର୍ମାସିଷ୍ଟ ପଦବୀ ଖାଲି ପଡ଼ିଛି। ପରିତାପର କଥା ଡାକ୍ତର ସପ୍ତାହରେ ମାତ୍ର ଦୁଇଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶତାଧିକ ରୋଗୀ ଆସିଥାନ୍ତି। ଡାକ୍ତର ନିୟମିତ ଆସୁନଥିବାରୁ ରୋଗୀ ମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିଦିନ ବହୁ ରୋଗୀ ଖର୍ଚ୍ଚାନ୍ତ ହୋଇ ବିଞ୍ଝାରପୁର କିମ୍ବା ଯାଜପୁର ଯାଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରି କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଦାବି ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡାକ୍ତର ନିୟମିତ ଆସୁନଥିବାରୁ ଜିଲ୍ଲା ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବା ସହିତ ଜଣେ ଫାର୍ମାସିଷ୍ଟ ନିଯୁକ୍ତି ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଡାକ୍ତର ନିୟମିତ ଆସୁନଥିବାରୁ ଏ ସଂମ୍ପର୍କରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷିତିଶ କୁମାର ନାୟକ କହନ୍ତି ନିୟମିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଉନଥିବା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଏବେ ସପ୍ତାହରେ ୫ ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା କରିବେ ବୋଲି କହିଥିଲେ।

# ୨ଗାଈ ଏବଂ ୧୦ ଛେଳି ଜୀବନ୍ତ ଦଗ୍ଧ

ଦଶରଥପୁର,୧୭।୨(ସମିସ): ଦଶରଥପୁର ତହସିଲ ଅଧୀନ ଚମ୍ପେଇପାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ତ୍ରିଲୋଚନ ଜେନାଙ୍କ ଗୁହାଳ ଘର ପୋଡି ପାଉଁଶ ହୋଇଯିବା ସହିତ ଗୁହାଳରେ ଥିବା ୨ଟି ଗାଈ ଏବଂ ୧୦ଟି ଛେଳି ନିଆଁରେ ପୋଡି ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ ଘରେ ବିଦ୍ୟୁତ୍ ସଟସର୍କିଟ କିମ୍ବା ଅନ୍ୟ କିଛି କାରଣ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ଅନୁମାନ କରାଯାଇଛି। ସୂଚନା ମୁତାବକ ଆଜି ବଡ଼ି ଭୋର ପ୍ରାୟ ୪ଘଟିକାରେ ଚମ୍ପେଇପାଳ ଗ୍ରାମର ତ୍ରିଲୋଚନ ଯେନାଙ୍କ ପରିବାର ଘରେ ଶୋଇଥିବା ବେଳେ ପଡୋଶୀଙ୍କ ହୋ ହାଲ୍ଲା ଶୁଣି ପଦାକୁ ଆସି ଗୁହାଳ ଘରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ନିଆଁର ପ୍ରକୋପ ଏତେ ଭୟାବହ ଥିଲା ଯେ ଗୁହାଳ ଭିତରେ ଥିବା ଗାଈ ଏବଂ ଛେଳିଙ୍କୁ ବାହାରକୁ ଅଣାଯାଇପାରିନଥିଲା। ଫଳରେ ଗୁହାଳରେ ବନ୍ଧା ହୋଇଥିବା ୨ଟି ଗାଈ ଏବଂ ୧୦ ଛେଳିଙ୍କର ନିଆଁରେ ପୋଡି ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଦଶରଥପୁର ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗୁହାଳଟି ପୋଡି ପାଉଁଶ ହୋଇଯାଇଥିଲା। ସକାଳେ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ,ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅମିୟ ପ୍ରାସାଦ ରାୟଙ୍କ ସମେତ ଦଶରଥପୁର ପ୍ରାଣୀ ଚିକିତ୍ସିକ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ତ୍ରିଲୋଚନ ଜଣେ ଦିନମଜୁରିଆ ତଥା ଗରିବ ଶ୍ରେଣୀ ପରିବାରର ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

■ ଦୁବକଣ ଅଙ୍ଗନବାଡ଼ି ଘର ନିର୍ମାଣ ମାମଲା

## ରାତ୍ର ଜଗୁଆଳିଙ୍କୁ ଆକ୍ରମଣ

ମଙ୍ଗଳପୁର,୧୭।୨(ସମିସ): ବହୁ ବାଦ ବିବାଦ ମଧ୍ୟରେ ସୋମବାର କୟାଁ ପଞ୍ଚାୟତ ଦୁବକଣ ଗ୍ରାମରେ କୟାଁ-୨ ଅଙ୍ଗନବାଡ଼ି ଗୃହ ଛାତ ପଡିଥିଲା। ଛାତ ପଡ଼ିବା ପରେ ମଧ୍ୟ ସେଠାରେ ଦଶରଥପୁର ବ୍ଲକ ପ୍ରଶାସନ ତରଫରୁ କୟାଁ ପଞ୍ଚାୟତର ଜେଇ ସନ୍ତୋଷ କୁମାର ବାଘଲ ୨ ଜଣ ବ୍ୟକ୍ତି ପଞ୍ଚାନନ ମଲ୍ଲିକ ଓ ଅଶୋକ ଦାସଙ୍କୁ ରାତିରେ ଜଗିବା ପାଇଁ ଡିୟୁଟି ଦେଇଥିଲେ। ଉଭୟ ବ୍ୟକ୍ତି ମଧ୍ୟ ସେଠାରେ ରାତି ଡିୟୁଟି କରୁଥିବା ସମୟରେ ରାତି ପ୍ରାୟ ୯ ଘଟିକା ସମୟରେ ଅଙ୍ଗନବାଡି ଗୃହକୁ ଲାଗିଥିବା ଘରର ସରୋଜ ଯେନା, ଅବିନାଶ ଯେନା, ଧରିତ୍ରୀ ଯେନା, ଅନୁଜା ଯେନା, ଅବିନାଶ ଯେନାଙ୍କ ସମେତ ୩/୪ଜଣ ଲୋକ ହଠାତ ତାଙ୍କ ଘର ଗଳି ପଟୁ ସେଣ୍ଟ୍ରି ବାଉଁଶ ଟାଣିବାରୁ ଆବାଜ ଶୁଣି ରାତି ଡିୟୁଟି କରୁଥିବା ଲୋକ ଦୁଇ ଜଣ ଯିବାରୁ ପୂର୍ବ ପ୍ରସ୍ତୁତି ଅନୁସାରେ ସେମାନେ ପଞ୍ଚାନନ ଓ ଅଶୋକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କ ସ୍କୁଟି ଗାଡିଟିକୁ ଛଡାଇ ନେଇ ଯାଇଥବା ନେଇ ଅଶୋକ ଦାସ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇଁ ସଙ୍ଗେ ସଙ୍ଗେ ମଙ୍ଗଳପୁର ପୁଲିସ ଘଟଣାସ୍ଥଳ ଯାଇ ପଚରାଉଚୁରା କରୁଥିବା ଜଣାପଡିଛି।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ଦାନଗଦି,୧୭।୨(ସମିସ):

ଭାରତ ସରକାରଙ୍କ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା (ଆର୍‌ଭିୱାଇ) ଏବଂ ଆସିଷ୍ଟାନ୍ସ ଟୁ ଡିସଏବୁଲଡ୍ ପର୍ସନ୍ସ (ଏଡିଆଇପି) ଯୋଜନା ଅଧୀନରେ ଦାନଗଦୀ, ହରିଚନ୍ଦନପୁର ଏବଂ ସୁକିନ୍ଦାର ୩୨୨ ଜଣ ହିତାଧିକାରୀଙ୍କୁ ୪୨.୪୨ ଲକ୍ଷ ଟଙ୍କାର ସହାୟକ ଉପକରଣ ବଣ୍ଟନ କରାଯିବ। ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଫ)ର ଏକ ପ୍ରୟାସ "ସବଳ' ପକ୍ଷରୁ ଦାନଗଦୀ ବ୍ଲକର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ବୃହତ ସହାୟକ ଉପକରଣ ବଣ୍ଟନ ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର ତ୍ରିଜଙ୍ଗାଠାରେ ଆରମ୍ଭ ହୋଇଥିବା ଏହି



ଅଭିଯାନ ଫେବୃଆରୀ ୨୦ରେ ସମାପ୍ତ ହେବ। ଯେଉଁଥିରେ ମୋଟ ୩୨୨ ଜଣ ହିତାଧିକାରୀ ଉପକୃତ ହେବେ। ଏହି ୩୨୨ ଜଣ ହିତାଧିକାରୀଙ୍କ ମଧ୍ୟରେ ୨୭୫ ଜଣ ବରିଷ୍ଠ ନାଗରିକ ଏବଂ ୪୭ ଜଣ ଦିବ୍ୟାଙ୍ଗ ଅନ୍ତର୍ଭୁକ୍ତ। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଅଧୀନରେ ଥିବା ଆର୍ଟିଫିସିଆଲ୍ ଲିମ୍ବସ୍ ମାନୁଫ୍ୟାକଚରିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏଏଲଆଇଏମସିଓ) ସହିତ ମିଳିତ ଭାବେ "ସବଳ - ପିଏମ୍‌ଡିକେ' (ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି। ପ୍ରକୃତ ହିତାଧିକାରୀମାନଙ୍କ ନିକଟରେ ସେବା ପହଞ୍ଚାଇବା ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ସରପଞ୍ଚମାନଙ୍କ ସକ୍ରିୟ ସହଯୋଗରେ ଦାନଗଦୀ ବ୍ଲକରେ ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମ ଦିନରେ, ତ୍ରିଜଙ୍ଗା ପଞ୍ଚାୟତ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତ୍ରିଜଙ୍ଗା ସରପଞ୍ଚ କାଗଜୀ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ହେମାଞ୍ଜଳି ପତି ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ୧୦୦ ଜଣ ହିତାଧିକାରୀଙ୍କୁ ୨୧ଟି ମୋଟରାଇଜଡ୍ ଟ୍ରାଇସାଇକଲ ଏବଂ ୩ଟି ହୁଇଲ ଚେୟାର ସମେତ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଛି।

## ୧୯ରୁ ମାଟ୍ରିକ୍ ପରୀକ୍ଷା

# ୯ କେନ୍ଦ୍ରରେ ପ୍ରସ୍ତୁତି ଶେଷ; ଛାତ୍ରଛାତ୍ରୀ ଉତ୍ସାହିତ

ବାରିକପୁର,୧୭।୨(ସମିସ): ୧୯ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଛାତ୍ରଛାତ୍ରୀମାନେ ଏବେ ବିଦ୍ୟାଳୟରୁ ଆଡ୍‌ମିଟ୍ କାର୍ଡ ଆଣି ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ପରୀକ୍ଷା ପାଇଁ ଭଣ୍ଡାରିପୋଖରୀ ହାଇସ୍କୁଲ ସମେତ ସରସଦା ହାଇସ୍କୁଲ, ବାରିକପୁର ହାଇସ୍କୁଲ, ବିଶୋଳ-କୁଲଣା ମୈତ୍ରୀ ସରକାରୀ ଉଚ୍ଚ ବିଦ୍ୟାପୀଠ, ମଞ୍ଜୁରୀ ରୋଡ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ, ବାଲିପୋଖରୀ ଶୁକଦେବ ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲ, ନପଙ୍ଗ ଚଣ୍ଡିମାତା ହାଇସ୍କୁଲ, ଯଶୋଟିକିରି ସୁବର୍ଣ୍ଣମୁଖୀ ହାଇସ୍କୁଲ ପ୍ରମୁଖ ୯ଟି କେନ୍ଦ୍ରରେ ପ୍ରସ୍ତୁତି ଶେଷ ହୋଇଛି। କେନ୍ଦ୍ରଗୁଡ଼ିକରେ ସିସିଟିଭି ସହିତ ଅନ୍ୟାନ୍ୟ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ସେହିଭଳି ୨୧ ତାରିଖରେ ଇଂରାଜୀ, ୨୩ରେ ଇଚ୍ଛାଧୀନ ବିଷୟ ହିନ୍ଦୀ ବା ସଂସ୍କୃତ, ୨୫ରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୨ରେ ଗଣିତ ବିଷୟରେ ବିଦ୍ୟାର୍ଥୀମାନେ ପରୀକ୍ଷା ଦେବେ। ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ମାଟ୍ରିକ୍ ପରୀକ୍ଷା ପ୍ରଥମ ପାହାଚ ହୋଇଥିବାବେଳେ ଏଥିପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାମାନ୍ୟ ଭୟ ରହିଥିଲେ ମଧ୍ୟ ସେମାନେ ଉତ୍ସାହିତ ଥିବା ଲକ୍ଷ୍ୟ କରାଯାଇଛି। ମାତୃଭାଷା ଓଡ଼ିଆ ବିଷୟ ପାଇଁ ଇତିମଧ୍ୟରେ ଭଣ୍ଡାରିପୋଖରୀ ହାଇସ୍କୁଲ ନୋଡାଲ କେନ୍ଦ୍ରଠାରେ ପ୍ରଶ୍ନପତ୍ର ପହଞ୍ଚିଥିବା ଜଣାପଡ଼ିଛି। ପୁଲିସ ଓ ସିସିଟିଭି ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ସୂଚନା ଦିଆଯାଇଛି।



### ସେମାନଙ୍କ ମତରେ...



ମାଟ୍ରିକ୍ ପରୀକ୍ଷା ପାଇଁ ସରକାରୀସ୍ତରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ରହିଛି। ଏଥିପାଇଁ ନୋଡାଲ କେନ୍ଦ୍ର ସହିତ ଅନ୍ୟାନ୍ୟ ପରୀକ୍ଷା କେନ୍ଦ୍ରରେ ପ୍ରସ୍ତୁତି ଶେଷ ହୋଇଛି।

**ରତିକାନ୍ତ ବେହେରା, ନୋଡାଲ ଅଧିକାରୀ**



ଆମ ପରୀକ୍ଷା କେନ୍ଦ୍ରରେ ୬ଟି ବିଦ୍ୟାଳୟରୁ ୧୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ପିଲାମାନେ କିଭଳି ସୁରୁଖୁରୁରେ ପରୀକ୍ଷା ଦେବେ ସେଥିପାଇଁ ଆମେ ଯତ୍ନବାନ ରହିଛୁ।

**ଭକ୍ତିନୈବେଦ୍ୟ ସାମଲ, କେନ୍ଦ୍ର ଅଧୀକ୍ଷକ, ସରସଦା ହାଇସ୍କୁଲ**



ଆମ ଘରଠାରୁ ମାତ୍ର ୨ କିମି ଦୂରରେ ପରୀକ୍ଷା କେନ୍ଦ୍ର। ସାମାନ୍ୟ ଭୟ ରହିଥିଲେ ମଧ୍ୟ ମୁଁ ମାଟ୍ରିକ୍ ପରୀକ୍ଷା ପାଇଁ ଖୁସି ଅଛି। ମାତୃଭାଷା ଓଡ଼ିଆ ବିଷୟରେ ପ୍ରଥମେ ପରୀକ୍ଷା ଦେବି।

**ଶଶାଙ୍କ ଶେଖର ନାୟକ, ଛାତ୍ର**



ସ୍କୁଲ ଓ ଟିଉସନକୁ ଛାଡ଼ି ଘରେ ୩ରୁ ୪ ଘଣ୍ଟା ପାଠ ପଢ଼ିଥାଏ। ମୋର ଗ୍ରାମାର ଟିକିଏ ଭଲ ହୁଏ ନାହିଁ, ତଥାପି ଓଡ଼ିଆ ବିଷୟରେ ମୋର ବହୁତ ବଢ଼ିଆ ହେବ। ଏଥିପାଇଁ ଉତ୍ସାହିତ ଅଛି।

**ସ୍ୱାଗତିକା ନାୟକ, ଛାତ୍ରୀ**

## ପୁଲିସ ହେପାଜତରୁ ଅଭିଯୁକ୍ତ ଫେରାର୍



ଭଦ୍ରକ,୧୭।୨(ସମିସ): ପୁଲିସ ହେପାଜତରୁ ଚମ୍ପଟ ମାରିଲା ଅଭିଯୁକ୍ତ। ଭଦ୍ରକ ଚରମ୍ପାସ୍ଥିତ ପୁଲିସ ବାରାକ୍‌ରୁ ପୁଲିସକୁ ଚକ୍‌ମା ଦେଇ ଖସିଗଲା ଏହି ଅଭିଯୁକ୍ତ। ଫେରାର୍ ଅଭିଯୁକ୍ତ ହେଲା ହଳଦୀଡିହ ନାଥସାହି ଗାଁର ସ୍ମୃତିରଞ୍ଜନ ନାଥ। ସୋମବାର ସନ୍ଧ୍ୟାରେ ସ୍ମୃତିକୁ ଗିରଫ କରିଥିଲା ଟାଉନ୍ ପୁଲିସ।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଭଦ୍ରକ କଲେଜ ରୋଡ୍‌ରୁ ଜଣେ ଯୁବକକୁ ଉଠାଇ ନେଇ କେତେକ ଯୁବକ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଯୁବକ ଜଣକ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଏନେଇ ଟାଉନ୍ ଥାନାରେ ଆହତଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୁଲିସ ଉକ୍ତ ଅଭିଯୋଗ ଆଧାରରେ ଟାଉନ୍ ଥାନାରେ ମାମଲା ରୁଜୁ କରିଥିବାବେଳେ ସ୍ମୃତି ସହ ଅନ୍ୟ ଜଣକୁ ସୋମବାର ଧରିଥିଲା। ପରେ ସେମାନଙ୍କୁ ସନ୍ଧ୍ୟାରେ ରିଜର୍ଭ ବାରାକ୍‌ରେ ରଖାଯାଇଥିଲା। ମାତ୍ର ମଙ୍ଗଳବାର ସକାଳୁ ପୁଲିସକୁ ଚକ୍‌ମା ଦେଇ ସ୍ମୃତି ଖସିଯାଇଛି। ଫେରାର୍ ସ୍ମୃତିକୁ ଖୋଜିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣାରେ ପରିବାରରେ ଶିଶୁମାନଙ୍କ ମାନସିକ ସ୍ଥିତିକୁ ପ୍ରଥମେ ବୁଝିବା ଦରକାର।

## ରାସ୍ତାକଡ଼ରେ ପଡ଼ି ରହିଛି ପୋଡ଼ା କାର୍



ଆରଡ଼ି/ଅସୁରାଳି,୧୭।୨(ସମିସ): ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ସାଠିବାଙ୍କୁଡ଼ା ନିକଟରେ ଏନ୍‌ଏଚ୍ ୨୦ ପାର୍ଶ୍ୱରେ ଏକ ଇଣ୍ଡିକା କାର୍ ପୋଡ଼ିଯାଇ ପଡ଼ି ରହିଥିବା ମଙ୍ଗଳବାର ସକାଳେ କିଛି ବ୍ୟକ୍ତି ଦେଖିବାକୁ ପାଇଥିଲେ। ସେମାନେ କାର୍ ପୋଡ଼ି ବିଷୟରେ ଆରଡ଼ି ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ସେଠାରେ ପହଞ୍ଚି ଏ ସମ୍ପର୍କରେ ଅନୁସନ୍ଧାନ ଚଳାଇଛନ୍ତି। ସୋମବାର ବିଳମ୍ବିତ ରାତିରେ କାର୍‌ଟି ପୋଡ଼ିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ପୋଡ଼ିଥିବା କାର୍‌ରେ ୪ଟି ଷଣ୍ଢ ଥିଲେ। ଏହି ଷଣ୍ଢମାନଙ୍କୁ ଉଦ୍ଧାର କରି ୮ରୁ ୧୦ ଜଣ ଯୁବକ କାର୍‌ଟିକୁ ପୋଡ଼ି ଦେଇଥିବା ଶୁଣିବାକୁ ମିଳୁଛି। ଏହାର ସତ୍ୟତା ସମ୍ପର୍କରେ ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକଙ୍କୁ ପଚାରିବାରୁ, ଏ ବିଷୟରେ କୌଣସି ଖବର ସେ ପାଇନାହାନ୍ତି ବୋଲି କହିଛନ୍ତି। ତେବେ ଏ ବିଷୟରେ କେହି ଏତଲା ଦେଇ ନ ଥିବା ମଧ୍ୟ କହିଛନ୍ତି। କୟାଁଗୋଲାରୁ ମଠଡିହ ମଧ୍ୟରେ ବିଭିନ୍ନ ସମୟରେ ଚୋରି, ଡକାୟତି ଏବଂ ଏବେ ଏହି କାର୍ ପୋଡ଼ି ଆଇନ ଶୃଙ୍ଖଳା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତାରେ ପୁଲିସ ବିଳମ୍ବିତ ରାତି ଯାଏଁ ପାଟ୍ରୋଲିଂ କରିବାକୁ ସ୍ଥାନୀୟ ଓଳଗ, ସୁନ୍ଦରପୁର, ଆରଡ଼ି ଓ ନାନ୍ଦପୁର ପଞ୍ଚାୟତର ଲୋକେ ଦାବି କରିଛନ୍ତି।

## ଖତ ଖାଉଛି ତିହିଡ଼ି ମିନି ଷ୍ଟାଡିୟମ୍



ଦୋଳସାହି,୧୭।୨(ସମିସ): ତିହିଡ଼ି ବ୍ଲକ୍‌ର ଏକମାତ୍ର ମିନି ଷ୍ଟାଡିୟମ୍ ନିର୍ମାଣକୁ ଦୀର୍ଘ ବର୍ଷ ବିତିଯାଇଥିଲା ବେଳେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା, ଏହି ଜିଲ୍ଲାରୁ କ୍ରୀଡ଼ାମନ୍ତ୍ରୀ ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଥିବାବେଳେ ତାଙ୍କ ନିଜ ଗାଁ ଏହି ବ୍ଲକ୍ ଅଧୀନ ଭାଟପଡ଼ା ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ପୂର୍ବରୁ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ମିନି ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲାବେଳେ ଅଦ୍ୟାବଧି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ନିର୍ମାଣ ହୋଇଥିବା ପାଚେରି ଓ ଗୃହ ଖତ ଖାଉଥିବା ଦେଖିବାକୁ ମିଳୁଥିବାବେଳେ ଏହି ଖେଳ ପଡ଼ିଆ ଅନାବନା ଗଛର ଜଙ୍ଗଲ ପାଲଟିବା ସହ ଗୋରୁଗାଈ ଚରୁଥିବା ଦେଖିବାକୁ ମିଳୁଛି। ସେହିପରି ତିହିଡ଼ି ବ୍ଲକ୍‌ରେ ଏହି ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ଅବଗତ ଥିବାବେଳେ ଏହି ମିନି ଷ୍ଟାଡିୟମ୍ କାର୍ଯ୍ୟକ୍ଷମ ହେଉ ନ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

## 'ସଦାଶିବଙ୍କ ଆରାଧନାରୁ ସମାଜ କଲ୍ୟାଣ ହୁଏ'



ଭଦ୍ରକ,୧୭।୨(ସମିସ): ଭଦ୍ରକ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ଜାଗର ଉପଲକ୍ଷେ ଭଦ୍ରକର ପ୍ରଧାନ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଧାମରେ ସ୍ଥାନୀୟ ଟ୍ରଷ୍ଟ ପକ୍ଷରୁ ଏକ ଅସ୍ଥାୟୀ ମଣ୍ଡପରେ ସଦାଶିବଙ୍କ ତଥ୍ୟ, ତତ୍ତ୍ୱ ଓ ଗୁଣ ଗରିମା ଉପରେ ଏକ ଆଧ୍ୟାତ୍ମିକ ମଞ୍ଚ ପ୍ରଚାର ସମିତିର ମୁଖ୍ୟ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ବାବୁଲାଲ ଦାସ ଓ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ପ୍ରବଚକ ପଣ୍ଡିତ ଲଳିତ ମୋହନ ମିଶ୍ର, ତପସ୍ୱିନୀ ପାଢ଼ୀ ଯୋଗଦେଇ ଶୈବ ସଂସ୍କୃତିରେ ପୂଜ୍ୟପୂଜାର ବ୍ୟତିକ୍ରମ ହେଲେ ସମାଜରେ ଦୁର୍ଭିକ୍ଷ, ମରଣ ଓ ଭୟ ଜାତ ହୁଏ ବୋଲି ବକ୍ତବ୍ୟରେ ବକ୍ତାଗଣ ପ୍ରତିପାଦିତ କରିଥିଲେ। ସମିତି ପକ୍ଷରୁ ଦିବ୍ୟ ଚେତନା ଅଭିଯାନରେ ୩ଟି ସଂକୀର୍ତ୍ତନ ମଣ୍ଡଳୀ ବେଢ଼ା ପରିକ୍ରମା କରିଥିଲେ। ଏହି ସଂକୀର୍ତ୍ତନ ସେବାରେ ମୁଖ୍ୟ ତତ୍ତ୍ୱାବଧାରକ ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗାଚରଣ ନାୟକ, ପୁଷ୍ପଲତା ପଣ୍ଡା, ଝୁନାରାଣୀ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପ୍ରସ୍ତୁତି ବୈଠକ




ଧାମନଗର,୧୭।୨(ସମିସ): ଆସନ୍ତା ଶ୍ରୀରାମ ବିଜୟା ଦଶମୀ ମହୋତ୍ସବକୁ ଧାମନଗରରେ ଭବ୍ୟ, ସୁଚାରୁ ଓ ସୁସଂଗଠିତ ଭାବେ ଆୟୋଜନ କରିବା ଉଦ୍ଦେଶ୍ୟରେ ଧାମନଗର ଇଣ୍ଡୋର ଷ୍ଟାଡିୟମ୍‌ଠାରେ ମଙ୍ଗଳବାର ଅପରାହ୍ଣରେ ଏକ ପ୍ରସ୍ତୁତି ବୈଠକ ଧାମନଗରର ସାଂସଦ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ମନୋଜ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଧାମନଗର ଶ୍ରୀରାମ ମହାଯଜ୍ଞ ସମିତିର ଆହ୍ୱାନରେ ସମିତିର ସଭାପତି ତଥା ସହରାଞ୍ଚଳ ସାଂସଦ ପ୍ରତିନିଧି ସରୋଜ ମହାପାତ୍ର ସଞ୍ଚାଳନ କରିଥିଲେ। ବୈଠକରେ ମହୋତ୍ସବର ସମ୍ପୂର୍ଣ୍ଣ ରୂପରେଖ, କାର୍ଯ୍ୟକ୍ରମ ତାଲିକା ଓ ବିଭିନ୍ନ ପଞ୍ଚାୟତରୁ ମେଢ଼ ବାହାରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ୧୫ ଓ ୨୨ ତାରିଖରେ 'ରନ୍ ଫର୍ ରାମ ନାମରେ' ଏକ ଗଣଦୌଡ଼ ଆୟୋଜନ କରାଯିବା ସହ ଛୋଟ ଛୋଟ ଶିଶୁମାନଙ୍କୁ ନେଇ ସାଇକଲ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଧାର୍ମିକ ଉତ୍ସାହ ଓ ପାରମ୍ପରିକ ରୀତିନୀତିକୁ ଉଜାଗର କରିବା ପାଇଁ ୧୦୦୧ କଳସ ଯାତ୍ରା ଆୟୋଜନ କରାଯିବ। ଏହି ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ୩ ଦିନ ପାଳନ କରାଯିବ ବୋଲି ସୂଚନା ମିଳିଛି। 'ରାମଙ୍କ କର୍ତ୍ତବ୍ୟ, ଆମର କର୍ତ୍ତବ୍ୟ' ବିଷୟବସ୍ତୁକୁ କେନ୍ଦ୍ର କରି ସାମାଜିକ ଓ ସାଂସ୍କୃତିକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ସଭାରେ ସମ୍ମତି ଦିଆଯାଇଛି।

ଏହି ବୈଠକରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ମହେଶ୍ୱର ସ୍ୱାଇଁ, ରସାନନ୍ଦ ମହାପାତ୍ର, ଗୋହିରାଟିକିରୀ ମଠର ମହନ୍ତ ବାବା ବିଶ୍ୱଧର, ସେନାପତିଆ ଆଶ୍ରମର ମହନ୍ତ ପ୍ରଦୀପ ବାବା, ଚିତ୍ତରଞ୍ଜନ ଦାଶ, ଅରବିନ୍ଦ ପତି, ଅଶୋକ କୁମାର ଦାସ, ରଞ୍ଜିତ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ପ୍ରଶାନ୍ତ ପରିଡ଼ା, ପ୍ରମୋଦ କୁମାର ସୂତାର, କୈଳାସ ଚନ୍ଦ୍ର ଗୁପ୍ତା, ବିପିନ ବିହାରୀ ପଣ୍ଡା, ଜଗଦୀଶ ପାତ୍ର, କୃଷ୍ଣଚନ୍ଦ୍ର ପତି, ଅଜୟ ବଳ, ନାରାୟଣ ରାଉତ, ମନୋଜ ସିଂ, ସୁରେନ୍ଦ୍ର ସେଠୀଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ନଗର ସଭାପତି ଶ୍ରୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତୁର ବର୍ଜ୍ୟବସ୍ତୁ ଦ୍ୱାରା ପରିବେଶ ଦୂଷିତ ଓ ଚାଷୀ ହନ୍ତସନ୍ତ

ଭଣ୍ଡାରିପୋଖରୀ,୧୭।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ରଣଜିତ ପଞ୍ଚାୟତର ଅପୂଜା ମହାଦେବ ପୀଠରେ ସାରା ରାଜ୍ୟର ପରିବେଶର ସୁରକ୍ଷା ଓ ବୃକ୍ଷରୋପଣ ପାଇଁ କାର୍ଯ୍ୟ କରୁଥିବା ସବୁଜ ଓଡ଼ିଶା (ଗ୍ରୀନ୍ ଓଡ଼ିଶା)ର ପ୍ରତିଷ୍ଠାତା ପ୍ରଫେସର ସୁଧୀର ଚନ୍ଦ୍ର ଜେନା ଓ ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ରଣଜିତ୍, ବାଲିପୋଖରୀ ଗ୍ରାମବାସୀ ଓ ଚାଷୀମାନଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ଏହି ପୀଠର ସମ୍ମୁଖରେ ଓ ହାଇଲେବଲ କେନାଲର ପାର୍ଶ୍ୱରେ ଏକ ଛତୁ ଉତ୍ପାଦନ ସଂସ୍ଥା ତାହାର ବର୍ଜ୍ୟବସ୍ତୁକୁ ଦୀର୍ଘଦିନ ହେବ ଏଠାରେ ଫିଙ୍ଗି ଚାଲିଛନ୍ତି। ଟନ୍ ଟନ୍ ବର୍ଜ୍ୟବସ୍ତୁରୁ ନିର୍ଗତ ଗ୍ୟାସ୍‌ର ପ୍ରଭାବରେ ଅଧା କିଲୋମିଟରରୁ ଉର୍ଦ୍ଧ୍ୱ ଦୂର କେନାଲ ପାର୍ଶ୍ୱରେ ଥିବା ବଡ଼ ବଡ଼ ବୃକ୍ଷମାନ ଠିଆ ଠିଆ ମରିଗଲା। ପାର୍ଶ୍ୱସ୍ଥ ଚାଷ ଜମି ସମ୍ପୂର୍ଣ୍ଣ ଅମଳହୀନ ହୋଇଯାଇଛି। ବର୍ଜ୍ୟବସ୍ତୁରୁ ନିର୍ଗତ ଗ୍ୟାସ୍ ଯୋଗୁଁ ନିକଟସ୍ଥ ଜମିରେ ଚାଷୀମାନେ ନାନା ସଂକ୍ରମଣ ରୋଗରେ ପୀଡ଼ିତ। ଏନେଇ ପ୍ରଦୂଷଣ ବୋର୍ଡ, ଭୁବନେଶ୍ୱରକୁ ଅବଗତ କରାଯାଇଛି। ଜିଲ୍ଲାପାଳ, ତହସିଲ୍‌ଦାର, ଡିଏଫ୍‌ଓ, ନିର୍ବାହୀ ଅଧିକରୀ, ଜଳସେଚନ ବିଭାଗକୁ ଲିଖିତ ଭାବରେ ଜଣାଇ, ଦୁଇ ଦୁଇ ଥର ଜନଶୁଣାଣିରେ ଅଭିଯୋଗ କରିଥିଲୁ। ଭଣ୍ଡାରିପୋଖରୀ ବ୍ଲକ୍‌ରେ ଲିଖିତ ଭାବରେ ଜଣାଇ ଫଳଶୂନ୍ୟ ହେବାରୁ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି। ଆଗାମୀ ଦିନରେ ଏହି ସ୍ଥାନରୁ ଛତୁର ସମସ୍ତ ବର୍ଜ୍ୟବସ୍ତୁ ସବୁଦିନ ପାଇଁ ଉଠା ନ ଗଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଜନସ୍ୱାର୍ଥ ମାମଲା ମାଧ୍ୟମରେ ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କୁମାର ସାହୁ, କେଶବ ଚନ୍ଦ୍ର ସାହୁ, ହରମୋହନ ବାରିକ, ମାନସ କୁମାର ପଣ୍ଡା, ଅଭିମନ୍ୟୁ ମଲ୍ଲିକ, ମାନଗୋବିନ୍ଦ ସାର, ଦୈତାରି ଜେନା, କାଳନ୍ଦୀ ମହାଳିକ, ତପନ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



## ନାମ ସଙ୍କୀର୍ତ୍ତନରୁ ମଞ୍ଚ ଗାୟକ ସତ୍ୟଜିତ୍



ଅସୁରାଳି,୧୭।୨(ସମିସ): ଧୂଷୁରୀ ଥାନା ଅନ୍ତର୍ଗତ ଭଟସାହି ପଞ୍ଚାୟତ ବାମଦେବପୁର ଗାଁର ସତ୍ୟଜିତ୍ ପଣ୍ଡା ଓରଫ ଚିଣ୍ଟୁ ଜଣେ ଉଦୀୟମାନ କଣ୍ଠଶିଳ୍ପୀ ଭାବେ ଏବେ ମଞ୍ଚ ଜଗତରେ ବେଶ୍ ପରିଚିତ। ପିଲାଟି ଦିନରୁ ଜେଜେ ବାପା ଶଙ୍କର୍ଷଣ ପଣ୍ଡା ଓ ଜେଜେ ମାଆ ସରୋଜିନୀ ପଣ୍ଡାଙ୍କ ପ୍ରେରଣାରେ ପାଠପଢ଼ା ସହିତ ବିଭିନ୍ନ ଅଷ୍ଟପ୍ରହରୀ ନାମଯଜ୍ଞରେ ଯୋଗଦେଇ ନାମ ସଙ୍କୀର୍ତ୍ତନ କରି ନିଜର ସୁଲଳିତ କଣ୍ଠ ଦ୍ୱାରା ଶ୍ରୋତାଙ୍କୁ ମୁଗ୍ଧ କରୁଥିଲେ। ପରେ କିଛି କଳାକାରଙ୍କ ସଂସ୍ପର୍ଶରେ ଆସି ମଞ୍ଚରେ ଗାଇବାର ସୁଯୋଗ ପାଇଲେ। ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ମନୋଜ ପଣ୍ଡା ତଥା ତାଙ୍କର ସଙ୍ଗୀତ ଗୁରୁ କୃପାସିନ୍ଧୁ ନାଥଙ୍କ ତତ୍ତ୍ୱାବଧାନରେ ସେ ମେଲୋଡି ଓ ଭଜନ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗୀତ ଅନୁଷ୍ଠାନ, ଅର୍କେଷ୍ଟ୍ରା ଗ୍ରୁପ୍‌ର ନିମନ୍ତ୍ରଣ ପାଇ ସଙ୍ଗୀତ ପରିବେଷଣ କରି ସୁନାମ ଅର୍ଜନ କରିବା ସହିତ ଜିଲ୍ଲା ତଥା ଜିଲ୍ଲା ବାହାରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହେଇ ଚାଲିଛନ୍ତି। ଓଡ଼ିଶାର ବହୁ ମଞ୍ଚ ସହିତ ଓଡ଼ିଆ ଆଲବମ୍, ଚଳଚ୍ଚିତ୍ର ତଥା ଭଜନ ଜଗତର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ସହିତ ସଙ୍ଗୀତ ପରିବେଷଣ କରି ସେମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ, ବେସରକାରୀ ମହୋତ୍ସବ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଯୁବ କଣ୍ଠଶିଳ୍ପୀ ନିଜର ଏକ 'ଷ୍ଟାର୍ ନାଇଟ୍ ଲାଇଭ୍ ବ୍ୟାଣ୍ଡ ଅର୍କେଷ୍ଟ୍ରା' ଗ୍ରୁପ୍ ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମାନବବାଦୀ ହାଜି ମହମ୍ମଦ ଅବ୍‌ଦୁଲ ବାରୀଙ୍କ ସ୍ମୃତି କମିଟି ଗଠିତ



ଭଦ୍ରକ,୧୭।୨(ସମିସ): ଭଦ୍ରକ ମୁସ୍‌ଲିମ ଜମାତର ପୂର୍ବତନ ସଭାପତି, ବିଶିଷ୍ଟ ସମାଜସେବୀ, ସଦ୍‌ଭାବନା ପୁରସ୍କାରପ୍ରାପ୍ତ ହାଜି ମହମ୍ମଦ ଅବ୍‌ଦୁଲ ବାରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ ଲାଗି ଫେଲୋସିପ୍ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଜି ଅବ୍‌ଦୁଲ ମୁକିତ୍ ଖାଁଙ୍କ ଅଧ୍ୟକ୍ଷତା ଓ ଏସ୍‌ଏମ୍ ଫାରୁକ୍‌ଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମରେ ଏହି ଶ୍ରାଦ୍ଧୋତ୍ସବ ପାଳନ ନେଇ ଏକ ନୂଆ ସ୍ମୃତି କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିର ନାମ "ମାନବବାଦୀ ମହମ୍ମଦ ଅବଦୁଲ ବାରୀ ସ୍ମୃତି କମିଟି' ରଖାଯାଇଥିଲା। ଗଠିତ ନୂତନ କମିଟିରେ ସଭାପତି ଭାବେ ସୁଧାକର ରାଉତଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବେଳେ ୩ ଜଣଙ୍କୁ ଉପସଭାପତି ବିଦ୍ୟାଧର ସାହୁ, ଅବ୍‌ଦୁଲ ଦୟାନ ଜିଆ, ଅଶୋକ କୁମାର ଦାସଙ୍କୁ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା। ସେହିଭଳି କମିଟି ସମ୍ପାଦକ ଭାବେ ମୁସ୍ତାକ୍ ଗୌହର, ସହସମ୍ପାଦକ ଭାବେ ମିର୍ଜା ଇଜାଜ୍ ବେଗ୍, କୋଷାଧ୍ୟକ୍ଷ ଭାବେ ବିବେକ ମୁଖାର୍ଜୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ହାଜି ମହମ୍ମଦ ଅବ୍‌ଦୁଲ ବାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବ।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

# ଶିଶୁଙ୍କ ସୁରକ୍ଷା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ

ଭଦ୍ରକ,୧୭।୨(ସମିସ)




ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ଭଦ୍ରକ ବ୍ଲକ୍ ସଭାଗୃହରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ହେଲ୍ପ ଲାଇନ୍‌ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀଙ୍କ ମଞ୍ଚ ସଞ୍ଚାଳନରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ମୁଖ୍ୟ ଅତିଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତଥା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ଶିଶୁମାନଙ୍କୁ ଥଇଥାନ, ସୁରକ୍ଷା ସମ୍ବନ୍ଧରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଦର୍ଶାଇଥିଲେ।

ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ ଶିଶୁ ସୁରକ୍ଷା ଆଇନ ବାବଦରେ ସମସ୍ତେ ଜାଣିଲେ ଓ ପିଲାମାନଙ୍କ ମାନସିକ ସ୍ଥିତି ଅନୁଧ୍ୟାନ କଲେ ପିଲାଙ୍କୁ ସୁରକ୍ଷା ପ୍ରଦାନ କରିହେବ। ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ରୂପେ ଶ୍ରୀ ଦାସ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ଦିଗରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ତତ୍ ସହିତ ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ନିର୍ଯାତନା, ସାଇବର ଅପରାଧ ଓ ମିଶନ ବାତ୍ସଲ୍ୟ ଅନ୍ତର୍ଗତ କିଶୋର ନ୍ୟାୟ ବ୍ୟବସ୍ଥା ସମ୍ବନ୍ଧରେ ବିଭିନ୍ନ ଉଦାହରଣ ଓ ଦୃଷ୍ଟାନ୍ତ ମାଧ୍ୟମରେ ଅବଗତ କରିଥିଲେ। ପ୍ରଥମେ ପରିବାରରେ ପିଲାମାନଙ୍କ ମାନସିକ ସ୍ଥିତିକୁ ଭଲ ଭାବେ ବୁଝିବା ଦରକାର ଏବଂ ପରେ ଶିଶୁକୁ କିପରି ସୁରକ୍ଷା ପ୍ରଦାନ କରାଯାଇପାରିବ ସେଥିପାଇଁ ପରାମର୍ଶ ଦିଆଯିବା ଆବଶ୍ୟକ। ଆବଶ୍ୟକସ୍ଥଳେ ବିଭିନ୍ନ ଯୋଜନା ମାଧ୍ୟମରେ ଶିଶୁଙ୍କୁ ସାମିଲ୍ କରାଯାଇପାରିବ। ବିପଦରେ ଥିବା ଶିଶୁମାନଙ୍କୁ ତ୍ୱରିତ ସେବା ପାଇଁ (୧୦୯୮) ନିଃଶୁଳ୍କ ନମ୍ବର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଚାଇଲ୍ଡ ଲାଇନ୍‌ର ଟିମ୍ ସଦସ୍ୟ ଚନ୍ଦ୍ରକାନ୍ତ ଗୋଛାୟତ, ପରାମର୍ଶଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍‌ବିଜୟ ମହାନ୍ତି, ଟିମ୍ ମେମ୍ବର କାହ୍ନୁ ମଲ୍ଲିକ, ରମାକାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଚନ୍ଦ୍ରକାନ୍ତ ଗୋଛାୟତଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଜମୁଛି ଖିରେଇଟାଙ୍ଗିରୀ ଜାଗର ମହୋତ୍ସବ



ଡୁରୁମୁଙ୍ଗା, ୧୭।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ସର୍ବେଶ୍ୱର ମହାଦେବଙ୍କ

ଜାଗର ମହୋତ୍ସବ ଆରମ୍ଭ ହୋଇଛି। ଏହାକୁ ସୋମବାର ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଉଦଘାଟନ କରିଥିଲେ। ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ଅଭିନେତା ଅକ୍ଷୟ ବସ୍ତିଆ ଯୋଗ ଦେଇଥିଲେ। ଏହି ମହୋତ୍ସବ ୫ ଦିନ ଧରି ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଛି। ଶାନ୍ତିଶୃଙ୍ଖଳା ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ସ୍ଥାଣୁ ପାଲଟିଛି ଖଣି ବିଭାଗ

# ଜାମଶୋଳା ଅଞ୍ଚଳରେ ବଢ଼ି ଚାଲିଛି ବାଲି ଚୋରାଚାଲାଣ

ସାରସକଣା,୧୭।୨(ସମିସ):




ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ସାରସକଣା ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ସୀମାନ୍ତ ଅଞ୍ଚଳରେ ଜାମଶୋଳାଠାରେ ପ୍ରତ୍ୟେକ ଦିନ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଅହେତୁକ ବୃଦ୍ଧି ପାଉଥିବାବେଳେ ଚେଇଁ ଶୋଇଛି ଜିଲ୍ଲା ପ୍ରଶାସନ। ସ୍ୱଷ୍ଟ ଦିବାଲୋକରେ ଖୁଲମଖୁଲା ରାଜସ୍ୱ ଲୁଟ୍ ହେଉଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଫେଲ୍ ମାରିଛି ଖଣି ବିଭାଗ। ଯାହାର ଜ୍ୱଳନ୍ତ ଉଦାହରଣ ସାରସକଣା ସୀମାନ୍ତ ଅଞ୍ଚଳ ଜାମଶୋଳାଠାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ଦେଖିବାକୁ ମିଳିଛି।

ପ୍ରତିଦିନ ବାଲିମାଫିଆ ସ୍ୱଷ୍ଟ ଦିବାଲୋକରେ ଭେଳା ସାହାଯ୍ୟରେ ନଦୀରୁ ବାଲି ଉଠାଇ ଟ୍ରାକ୍ଟର, ହାଇୱା, ଟ୍ରାକ୍ଟର ସାହାଯ୍ୟରେ ଟ୍ରିପ ଟ୍ରିପ ବାଲିକୁ ବିକି ମାଫିଆ ମାଲେମାଲ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗର ଅଙ୍କୁଶ ନ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଲଘୁ ଖଣିଜ ପଦାର୍ଥ ଲୁଟ୍ ହେଉଛି। ତେବେ ସରକାରୀ ବାବୁ ଏଠି ଚୁପ ହୋଇ ହାତ ଟେକି ବସିବାର କାରଣ ଖୋଜୁଛନ୍ତି ସାଧାରଣ ଜନତା। ଦିନ ହେଉ ବା ରାତି ନଦୀ ଗର୍ଭରୁ ବାଲି ଖନନ କରି ଟ୍ରାକ୍ଟର ଯୋଗେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବହୁ ପରିମାଣରେ ପାହାଡ଼ ସଦୃଶ୍ୟ ବାଲି ଗଚ୍ଛିତ କରି ରଖିବା ସହିତ ରାତ୍ର ସମୟରେ ବଡ଼ ବଡ଼ ହାଇୱା ସାହାଯ୍ୟରେ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ପ୍ରଶାସନ ଏହା ଜାଣିପାରୁନି କେମିତି। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ ଗସ୍ତରେ ଆସି କହିଥିଲେ ଯେ, ବାଲି ତସ୍କରି ରୋକିବା ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ, ଏସପି, ମାଇନିଙ୍ଗ ବିଭାଗ ଓ ସମସ୍ତ ତହସିଲଦାରଙ୍କୁ ଆଦେଶ ଦେଇଥିବା, ଏଥିପାଇଁ ଏସୋପି ଜାରି କରାଯାଇଛି। କିନ୍ତୁ ରାଜସ୍ୱ ମନ୍ତ୍ରୀଙ୍କ କଥା ଓ ଆଦେଶ କେବଳ ଆଦେଶରେ ହିଁ ରହି ଯାଇଥିବା ଜଣାପଡୁଛି। ମନ୍ତ୍ରୀଙ୍କ ଆଦେଶ ବି ମାନୁନାହାନ୍ତି ସରକାରୀ ବାବୁ। ଗୋଟିଏ ଅଧେ ଟ୍ରାକ୍ଟର ଧରି ବାହାବା ନେଉଛି ପୁଲିସ୍ ପ୍ରଶାସନ।

କେବଳ ସେତିକି ନୁହେଁ ଅଞ୍ଚଳରେ ପଥର, ମୋରମ ଚାଲାଣ କରାଯିବା ସହ ସ୍ଥାନୀୟ ଅଞ୍ଚଳ ସମେତ ସୀମାନ୍ତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଯାଉଛି। କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ଖଣି ବିଭାଗ, ସ୍ଥାନୀୟ ପୁଲିସ ସବୁ ଦେଖି ନ ଦେଖିଲା ଭଳି ଅଭିନୟ କରିବା ଅନ୍ୟ ଦିଗ ଆଡ଼କୁ ଇସାରା କରୁଛି। ଜିଲ୍ଲା ଓ ତହସିଲ ପ୍ରଶାସନିକ ଅଧିକାରୀ ନିଜର ଦାୟିତ୍ୱ ସଠିକ୍ ଢଙ୍ଗରେ ନିର୍ବାହ କରୁ ନ ଥିବାରୁ ରାଜସ୍ୱ ଲୁଟ କମିବା ପରିବର୍ତ୍ତେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସରକାରୀ ବାବୁଙ୍କ ସହିତ ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀ ବ୍ୟକ୍ତିଗତ ସ୍ୱାର୍ଥ ଛାଡ଼ି ରାଜସ୍ୱ ଆଦାୟ ଦିଗରେ ଚିନ୍ତା କଲେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

### ବାରିପଦାରେ ପିଲା ଚୋର ଆତଙ୍କ

# ସାହସ ଦେଖାଇ ଖସି ଆସିଲେ ନାବାଳକ

ବାରିପଦା,୧୭।୨(ସମିସ): ବାରିପଦା ସହରରେ ପିଲା ଚୋର ଆତଙ୍କ ସୃଷ୍ଟି ହୋଇଛି। ସ୍ୱଷ୍ଟ ଦିବାଲୋକରେ ଓ ବଜାରର ଭିଡ଼ ମଧ୍ୟରେ ରାସ୍ତା ଉପରୁ ଛୋଟ ପିଲାଙ୍କୁ ଅପହରଣ ଘଟଣା ସିସି କ୍ୟାମେରା ଦୃଶ୍ୟ ସୋସିଆଲ ମିଡିଆରେ ପ୍ରଘଟ ହେବା ପରେ ଭଞ୍ଜପୁର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ବାଇକ ଓ ତିନି ଦୁର୍ବୃତ୍ତଙ୍କୁ ପୁଲିସ ଖୋଜୁଥିବାବେଳେ ସହରରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଦୁର୍ବୃତ୍ତଙ୍କ କବଳରୁ ନାବାଳକ ନିଜର ସାହସିକତା ଦେଖାଇ ରକ୍ଷା ପାଇଛି ସିନା ସହରରେ ଏବେ ପିଲାଚୋରକୁ ନେଇ ସମସ୍ତେ ସ୍ତବ୍ଧ ହୋଇଛନ୍ତି।



ଭଞ୍ଜପୁର ଥାନା ଅନ୍ତର୍ଗତ ୱାର୍ଡ ନଂ୨ ଅଞ୍ଚଳରେ ଶିବରାତ୍ରୀ ଅପରାହ୍ନ ପ୍ରାୟ ୧.୩୦ ମିନିଟ୍ ସମୟରେ ରଞ୍ଜନ କୁମାର ବିନ୍ଧାଣିଙ୍କ ପୁଅ ଶ୍ରୀୟାଂଶ(୧୧) ଘର ସମ୍ମୁଖରେ କୁକୁରକୁ ଖୋଜିବା ସମୟରେ ଜଣେ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ବାହାନା କରି ନେବାକୁ ଚେଷ୍ଟା କରିଥିଲା। ଦୁର୍ବୃତ୍ତ ଜଣଙ୍କ ତୁମ ବାପାଙ୍କ ଚଷମା, ନିଅ ବୋଲି କହି ପାଖକୁ ଡାକି ଅପହରଣ ଚେଷ୍ଟା କରିଥିଲା। ସ୍ୱଳ୍ପ ଦୂରରେ ବାଇକରେ ଥିବା ଅନ୍ୟ ୨ ଦୁର୍ବୃତ୍ତଙ୍କ ସହିତ ନେଇ ଯିବାକୁ ଚେଷ୍ଟା କରିଥିଲା। କିନ୍ତୁ ଶ୍ରୀୟାଂଶ ଭୟଭୀତ ନ ହୋଇ ନିଜର ବୁଦ୍ଧିମତ୍ତା ଓ ସାହସର ପରିଚୟ ଦେଇଥିଲେ। ସେ ଦୁର୍ବୃତ୍ତକୁ ମାରପିଟ୍ କରି ନଖରେ ଆମ୍ପୁଡ଼ି ଦେଇ ତାଙ୍କ କବଳରୁ ମୁକ୍ତ ହୋଇ ଘରକୁ ଦୌଡ଼ି ପଳାଇଥିଲେ। ଏହି ସମୟରେ ଶ୍ରୀୟାଂଶଙ୍କ କକା ନିରଞ୍ଜନ ବିନ୍ଧାଣି ଘରୁ ବାହାରକୁ ଆସିବା ବେଳେ ଉକ୍ତ ଦୁର୍ବୃତ୍ତଙ୍କ ସହ ସାମ୍ନାସାମ୍ନି ହୋଇଥିଲେ। କାହାକୁ ଖୋଜୁଛ ବୋଲି ପଚାରିବାରୁ ସେ ଭୁଲରେ ପରିଶ୍ରା କରିବାକୁ ପଳାଇ ଆସିଛି କହି ତରବରିଆ ଭାବେ ସେଠାରୁ ଖସି ପଳାଇଥିଲା। ପ୍ରାୟ ଏକ ଘଣ୍ଟା ପରେ ବାପା-ମାଆ ଘରକୁ ଫେରିବା ପରେ ଶ୍ରୀୟାଂଶ ସମସ୍ତ ଘଟଣା ବିଷୟରେ ଜଣାଇଥିଲେ। ପରିବାର ଲୋକେ ରାସ୍ତାର ଅନ୍ୟ ପାର୍ଶ୍ୱରେ ଲାଗିଥିବା ଏକ ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରିବାରୁ ଛୁଆଧରାର ଉଦ୍ୟମର ସମସ୍ତ ଦୃଶ୍ୟ ସ୍ୱଷ୍ଟ ଭାବେ ଦେଖିବାକୁ ମିଳିଥିଲା। ଏହାପରେ ରଞ୍ଜନ ବିନ୍ଧାଣି ଭଞ୍ଜପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଛନ୍ତି। ପୁଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତକୁ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି। ଏ ନେଇ ଭଞ୍ଜପୁର ଆଇଆଇସି ଅଜୟ କୁମାର ଜେନା କହିଛନ୍ତି ଯେ ଘଟଣାଟି ଅତି ସ୍ପର୍ଶକାତର ହୋଇଥିବାରୁ ଏହାକୁ ନେଇ ଆମେ ହାଇଆଲର୍ଟରେ ରହିଛୁ। ଏଥିସହ ସିସିଟିଭି ଯାଞ୍ଚ ସହ ସବୁଦିଗରୁ ତଦନ୍ତ ଆରମ୍ଭ କରିଛୁ। ଖୁବଶୀଘ୍ର ଆମେ ଉକ୍ତ ଦୁର୍ବୃତ୍ତଙ୍କୁ ଧରିବୁ ବୋଲି ସେ କହିଛନ୍ତି।

# ଡିବି ଟେକ୍ ସୋସାଇଟିରେ ଫଟୋ ଓ ଭିଡିଓ ପ୍ରଦର୍ଶନୀ



ମହୁଲଡିହା,୧୭।୨(ସମିସ): ଡନ ବସ୍କୋ ଟେକ ସୋସାଇଟିର ୨୦ ବର୍ଷ ପୂର୍ତ୍ତି ଅବସରରେ ଡିବି ଟେକ୍ ଠାକୁରମୁଣ୍ଡା କେନ୍ଦ୍ର ପକ୍ଷରୁ କେନ୍ଦ୍ର ପ୍ରାଙ୍ଗଣରେ ୨୦ ବର୍ଷର ଯାତ୍ରା ଉପଲକ୍ଷେ ଫଟୋ ଓ ଭିଡିଓ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ କେନ୍ଦ୍ରର ଯାତ୍ରା, ସଫଳତା ଓ ଯୁବ ବର୍ଗଙ୍କ ଜୀବନରେ ଆଣିଥିବା ପରିବର୍ତ୍ତନକୁ ପ୍ରଦର୍ଶିତ କରାଯାଇଥିଲା। ସ୍ଥାପନା କାଳରୁ ଏପର୍ଯ୍ୟନ୍ତ କେନ୍ଦ୍ରରେ ୨୩୨୬ରୁ ଅଧିକ ଯୁବକ/ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ୧୮୨୨ରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ମିଳିଛି। ପ୍ରଦର୍ଶନୀରେ କେନ୍ଦ୍ରର ସଫଳତା, ପୂର୍ବତନ ଛାତ୍ରଛାତ୍ରୀଙ୍କ ସଫଳ କାହାଣୀ, ପୂର୍ବ ଓ ବର୍ତ୍ତମାନର ଛବି, ସମ୍ବାଦପତ୍ରରେ ପ୍ରକାଶିତ ଖବର ଓ ପ୍ରେରଣାଦାୟକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏଥିସହ ଏକ 'ମେସେଜ୍ ବଲ୍' ମାଧ୍ୟମରେ ପ୍ରଶିକ୍ଷାର୍ଥୀ ଓ କର୍ମଚାରୀ ନିଜର ଅନୁଭବ ଓ କୃତଜ୍ଞତା ବ୍ୟକ୍ତ କରିଥିଲେ। ଏହି ଅବସରରେ ସମୟ ଓ ପ୍ରଗତିବାଦୀ ସମ୍ବାଦପତ୍ରର ପ୍ରତିନିଧି କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ସାମ୍ବାଦିକ ଚକ୍ରଧର ଦାସ ଓ ହରେକୃଷ୍ଣ ତ୍ରିପାଠୀ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରି ତାଙ୍କ ଅନୁଭବ ବାବଦରେ ଅବଗତ ହୋଇଥିଲେ। କେନ୍ଦ୍ର ମୁଖ୍ୟ ଶରତ କୁମାର ତ୍ରିପାଠୀ ସମ୍ବାଦପତ୍ର ପ୍ରତିନିଧିଙ୍କୁ ସ୍ୱାଗତ କରି କେନ୍ଦ୍ରର ସଫଳତା, ନିଯୁକ୍ତି ତଥ୍ୟ ଓ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକଳାପ ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଅଞ୍ଚଳର ଯୁବକଙ୍କ ନିଯୁକ୍ତିମୁଖୀ ପ୍ରଶିକ୍ଷଣ ଓ ସ୍ୱାବଲମ୍ବନତା ପ୍ରତି ଡିବି ଟେକ୍ର ଅବିରତ ପ୍ରୟାସକୁ ପ୍ରତିଫଳିତ କରିଥିଲା। ଶେଷରେ ତାଲିମଦାତା ସତ୍ୟଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଗାଡ଼ି ଋଣ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ବାରିପଦା, ୧୭।୨(ସମିସ): ଫାଇନାନ୍ସ କମ୍ପାନୀ ପକ୍ଷରୁ ଗାଡ଼ି ଋଣ ଦେଇଥିବା ପ୍ରତିଶ୍ରୁତି ନେଇ ୪ଟି ମାମଲାକୁ ବାରିପଦା ଜିଲ୍ଲା ଜଜ ସୁଦୀପ୍ତ ଆଚାର୍ଯ୍ୟ ବିଚାର କରି ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲାରେ ଥିବା ଗାଡ଼ି ମାଲିକଙ୍କ ଜମି ଏଟାଚମେଣ୍ଟ ଆଦେଶ ସହିତ ସୁନ୍ଦରମ ଫାଇନାନ୍ସ କମ୍ପାନୀକୁ ପଦକ୍ଷେପ ଗ୍ରହଣ କରିବାକୁ ଆଦେଶ ଜାରି କରିଛନ୍ତି। ଫାଇନାନ୍ସ କମ୍ପାନୀ ପକ୍ଷରୁ ଓକିଲ ବିଦ୍ୟୁତ କୁମାର ମହାନ୍ତି ମାମଲା ପରିଚାଳନା କରିଥିଲେ। ବାରିପଦା ସୁନ୍ଦରମ ଫାଇନାନ୍ସ କମ୍ପାନୀ ତରଫରୁ ବାରିପଦା କୋର୍ଟରେ ଥିବା ୪ ଜଣ ଗାଡ଼ି ଋଣ ନେଇଥିବା ମାଲିକ ନାମରେ ଏକଜୁକେସନ କେସ ନଂ ୧୪.୧୫,୧୬.୨୨/୨୦୨୫ରେ ମାମଲା ରୁଜୁ ହୋଇଥିଲା।

# ସମାଜସେବୀଙ୍କ ପରଲୋକରେ ଶୋକ

ମୋରଡା,୧୭।୨(ସମିସ): ମୋରଡା ବ୍ଲକ୍ର ସମାଜସେବୀ ଦିଲ୍ଲୀପ କୁମାର ସାହୁଙ୍କ ସୋମବାର ରାତିରେ ହୃଦଘାତ ଯୋଗୁଁ ମୃତ୍ୟୁ ଘଟିଛି। ଦିଲ୍ଲୀପ ଦୀର୍ଘଦିନ ଧରି ଚିତ୍ରଡା ବଣିକ ସଂଘ ସଭାପତି ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିବାବେଳେ ସମାଜସେବାରେ ଲିପ୍ତ ଥିଲେ। ଚିତ୍ରଡାରେ ସେ ସତ୍ୟସାଇ ସଂଗଠନ କରି ବାବାଙ୍କ ମନ୍ଦିର ନିର୍ମାଣ କରିଥିଲେ। ସେ ଚିତ୍ରଡା ମାର୍କେଟରେ ସାଇସୁଧା ମେଡ଼ିସିନ ଷ୍ଟୋର ଖୋଲି ଲୋକଙ୍କୁ ଉନ୍ନତମାନର ମେଡ଼ିସିନ ଯୋଗାଇ ଆସୁଥିଲେ। ତେବେ ତାଙ୍କର ମୃତ ଶରୀର ସତ୍ୟସାଇ ଗୁରୁକୂଳମ ବିଦ୍ୟାଳୟରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଅଞ୍ଚଳବାସୀ ବଜାର ପରିକ୍ରମା କରାଇଥିଲେ। ମୋରଡା ଜୋନ ଇସି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଦିଲ୍ଲୀପଙ୍କ ଅକାଳ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ସମ୍ମାନାର୍ଥେ ମଙ୍ଗଳବାର ସନ୍ଧ୍ୟା ୬ଟା୩୦ରୁ ବୁଧବାର ସକାଳ ୬ଟା୩୦ମିନିଟ ପର୍ଯ୍ୟନ୍ତ ମୋରଡା ଏବଂ ରାସଗୋବିନ୍ଦପୁର ବ୍ଲକର ସମସ୍ତ ଔଷଧ ଦୋକାନ ବନ୍ଦ ରଖିବା ସହ କେବଳ ଜରୁରୀକାଳୀନ ସେବା ଯୋଗାଇବାକୁ ସେ ବ୍ୟବସାୟୀ ଭାଇମାନଙ୍କୁ ବିନମ୍ର ଅନୁରୋଧ କରିଛନ୍ତି।

### ● ଆଜିଠୁ +୨ ପରୀକ୍ଷା

## ମୋରଡ଼ା ବ୍ଲକ୍ର ୩ କେନ୍ଦ୍ରରେ ୭୬୮ ପରୀକ୍ଷାର୍ଥୀ

ମୋରଡା,୧୭।୨(ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ଆସନ୍ତାକାଲିଠୁ +୨ ପରୀକ୍ଷା ଆରମ୍ଭ ହେବ। ଏ ପରିପ୍ରେକ୍ଷୀରେ ମୋରଡା ବ୍ଲକର ତିନୋଟି ମହାବିଦ୍ୟାଳୟର ସମୁଦାୟ ୭୬୮ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଚିତ୍ରଡା ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ୫୫, କଳାରେ ୨୧୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ମହାବିଦ୍ୟାଳୟ ତରଫରୁ ସୂଚନା ମିଳିଛି। ସେହିପରି ନୂଆଗାଁର ବାବା ଜଟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୫୬, କଳାରେ ୧୮୦, ଗଡିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୬୧ ଜଣ ବିଜ୍ଞାନ ଓ କଳାରେ ୨୦୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସିସିଟିଭି ନଜରରେ ରହିଛି ସମସ୍ତ ପରୀକ୍ଷା କେନ୍ଦ୍ର। ଚିତ୍ରଡା ମହାବିଦ୍ୟାଳୟ ହବ୍ ସେଣ୍ଟର ହୋଇଥିବାରୁ ପୁଲିସ ପ୍ରଶାସନର କଡା ନଜରରେ ରହିଛି। ପରୀକ୍ଷା ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ପରୀକ୍ଷା ଶେଷ ହେବ।

### ■ ରାମତୀର୍ଥ ନଦୀରେ ବାଳକ ନିଖୋଜ ଘଟଣା

## ତିନିଦିନ ପରେ ମିଳିଲା ମୃତଦେହ

ରାଇରଙ୍ଗପୁର/କରଞ୍ଜିଆ,୧୭।୨(ସମିସ): ରାମତୀର୍ଥ ନିକଟରେ ନଦୀରେ ଜଣେ ବାଳକ ବୁଡି ନିଖୋଜ ହୋଇଥିବାବେଳେ ୩ ଦିନ ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ଯଶିପୁର ଥାନା ଅନ୍ତର୍ଗତ ବନ୍ଦିରାପୋଷି ଗ୍ରାମର ଅନାଦି ସିର୍କାଙ୍କ ପୁଅ ମଧୁ ସିର୍କା। ସେ ଗତ ଶନିବାର ଦିନ ରାମତୀର୍ଥକୁ ବୁଲିବାକୁ ଯାଇଥିଲେ। କୌଣସି କାରଣ ପାଇଁ ଅସାବଧାନତାରୁ ଗୋଡ଼ ଖସିଯିବାରୁ ଖଇରୀ-ଭଣ୍ଡନ ନଦୀକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକ ଦେଖି ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ। ତେବେ ସନ୍ଧ୍ୟା ହୋଇଯାଇଥିଲେ ସୁଦ୍ଧା ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିପାରିନଥିଲା। ଅନ୍ଧାର ହେବାରୁ ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ଅସମ୍ଭବ ହେବାରୁ ପରଦିନ ସକାଳୁ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ଖୋଜ ଖବର ମିଳି ନ ଥିଲା। ତେବେ ମଙ୍ଗଳବାର ମୃତଦେହ ପାଣିରେ ଭାସିଥିବାବେଳେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଯଶିପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲକୁ ପଠାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମହୁଲଡିହା,୧୭।୨(ସମିସ): ମହୁଲଡିହା ଥାନା ଘୁଲୁଘୁଲିଆ ଗ୍ରାମର ଚିଁଆବେଡା ଛକ ନିକଟ ବାଉଁଶ କୁଦୁର ସାହିରେ ମଙ୍ଗଳବାର ପୂର୍ବାହ୍ନରେ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ମହୁଲଡିହା ଥାନା ପୁଲିସ। ମୃତକ ଜଣକ ହେଉଛନ୍ତି କରଞ୍ଜିଆ ଥାନା ଅନ୍ତର୍ଗତ କାଦଡିହା ଗ୍ରାମର ପାରଦାନ ଜାମୁଦାଙ୍କ ସ୍ତ୍ରୀ ଶାନ୍ତି ଜାମୁଦା (୨୭)। ମୃତକଙ୍କ ସ୍ୱାମୀ ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଯାଇଛନ୍ତି। ତାଙ୍କର ଦୁଇପୁଅ ଓ ଜଣେ ଝିଅ ଥିବା ଜଣାପଡିଛି। ମୃତକଙ୍କ ବାପାମାଆଙ୍କ ମୃତ୍ୟୁ ପରେ ସେ ବାଉଁଶ କୁଦୁର ସାହିରେ ରହି କାମଧନ୍ଦା କରି ଚଳିଆସୁଥିଲେ। ଆଜି ସକାଳେ ଗାଁ ମଝି ପୈତୃକ ଘରପାଖରେ ଥିବା ଏକ ବରଗଛରେ ପ୍ରାୟ ୧୫ ଫୁଟ ଉଚ୍ଚତାରେ ଶାଢ଼ୀରେ ବନ୍ଧା ହୋଇ ଶାନ୍ତିକୁ ଝୁଲନ୍ତା ଅବସ୍ଥାରେ ଗ୍ରାମବାସୀ ଦେଖି ଥାନାକୁ ଜଣାଇଥିଲେ। ସାନ ଭାଇ କୁସୁନୁ ପୂର୍ତ୍ତିଙ୍କ ଅଭିଯୋଗ କ୍ରମେ ଆଇଆଇସି ତୁଷାର ନାୟକ, ଏଏସଆଇ ବିଜୟକୃଷ୍ଣ ସାନ୍ତରା ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ଜନସାଧାରଣଙ୍କ ଲୁଟ୍ ଅଭିଯୋଗ

# ଜାଗା ଦେବାକୁ କହି ଠକେଇ

କରଞ୍ଜିଆ, ୧୭।୨(ସମିସ):

ଜାଗା ମିଶନ ଯୋଜନାରେ ଜାଗା ଯୋଗାଇଦେବାକୁ ଲୋକଙ୍କଠାରୁ ଟଙ୍କା ଜମା ନେବା ପରେ ମଧ ୮ ବର୍ଷ ହେବ ଲୋକଙ୍କୁ ଠକିବା ସହିତ ଚଞ୍ଚକତା କରି ଲୋକଙ୍କ ନାମରେ ବିନାଗୃହ ନିର୍ମାଣରେ କାଗଜ ପତ୍ରରେ ଘର କରି ଘରର ପଇସା ହଡପ କରିନେଇଥିବା ଭଳି ସଂଗୀନ ଅଭିଯୋଗ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରରେ କରାଯାଇଛି। ଅଭିଯୋଗ ଅନୁଯାୟୀ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୨ କରଡିଆ ଅଞ୍ଚଳରେ ଆଜକୁ ପ୍ରାୟ ୬୦-୭୦ ବର୍ଷ ଧରି ଅଭିଯୋଗକାରୀଙ୍କ ପୂର୍ବ ପୁରୁଷ ଏଠାରେ ବସ୍ତି ସ୍ଥାପନ କରି ଅଛନ୍ତି। ପରିବାର ସହିତ ଗୃହ ନିର୍ମାଣ କରି କାଳାତିପାତ କରୁଥିଲେ। ତାଙ୍କ ଅନ୍ତେ ଉତ୍ତରାଧିକାରୀ ସୂତ୍ରରେ ଏଠାରେ ରହି ଜୀବିକା ନିର୍ବାହ କରି ଆସୁଛନ୍ତି। ୨୦୧୯ ରେ ଭୂମିହୀନଙ୍କୁ (ସହରାଞ୍ଚଳ) ଜମି ଯୋଗାଇ ଦେବାକୁ ସରକାରଙ୍କ ନିୟମ ଅନୁଯାୟୀ ସରକାରଙ୍କ ଆଦେଶରେ କାର୍ଯ୍ୟନିର୍ବାହୀ ଅଧିକାରୀ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟକୁ ନୋଟିସ୍ ହୋଇଥିଲା। ଉକ୍ତ ନୋଟିସ୍ ଅନୁଯାୟୀ ଅଭିଯୋଗକାରୀ ଜମି ପାଇବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ



ଦାଖଲ ଦେଇ ରସିଦ ହାସଲ କରିଥିଲେ। ସେମାନଙ୍କ ମଧ୍ୟରେ କେଶ୍ୱରୀ ଲୋହାର ସା- ଲକ୍ଷ୍ମଣ ଲୋହାର, ଚିଙ୍ଗୁଡୁ ଲୋହାର ପିତା- ସୁଦନ ଲୋହାର ଯୋଗ୍ୟତା ପ୍ରମାଣପତ୍ର ପାଇଛନ୍ତି। ଅନ୍ୟମାନେ ଅଦ୍ୟାବଧି କୌଣସି ପ୍ରମାଣପତ୍ର ପାଇନାହାନ୍ତି କିମ୍ବା ଜମି ଜାଗାର ଖତିଆନ୍ ମଧ୍ୟ ପାଇନାହାନ୍ତି। ସରକାରଙ୍କ ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଧ୍ୟ ପାଇନଥିବା ଉଲ୍ଲେଖ କରିଛନ୍ତି।

ଅଭିଯୋଗକାରୀ କିଛିଦିନ ତଳେ କାର୍ଯ୍ୟନିର୍ବାହୀ ଅଧିକାରୀ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ କାର୍ଯ୍ୟାଳୟକୁ ଯାଇ ଅନୁସନ୍ଧାନ କରିବାରୁ ଜାଣିବାକୁ ପାଇଥିଲେ କି ଚଞ୍ଚକତା କରି ସେମାନଙ୍କ ନାମରେ ବିନାଗୃହ ନିର୍ମାଣରେ କାଗଜ ପତ୍ରରେ ଘର କରି କେହି ଅସାଧୁ ଅଧିକାରୀ ବା କର୍ମଚାରୀ ଘରର ପଇସା ହଡପ କରି ନେଇଛନ୍ତି। ବର୍ତ୍ତମାନ ସେମାନେ ଅତ୍ୟନ୍ତ ଦୟନୀୟ ଭାବରେ ଝୁମ୍ପୁଡି ଗୃହରେ ପରିବାର ସହିତ କାଳାତିପାତ କରୁଛନ୍ତି। ଏ ବିଷୟରେ ପୂର୍ବରୁ ବହୁବାର ମିଳିତ ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ ମଧ୍ୟ ସଂପୃକ୍ତ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ଅଭିଯୋଗ କରିବା ସହିତ ଶୀଘ୍ର ଜମି ପଟ୍ଟା ଯୋଗାଇଦେବା ସହିତ ଅର୍ଥ ହଡପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ କରଞ୍ଜିଆ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁଙ୍କ ପ୍ରତିକ୍ରିୟା ନେବାରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଚଞ୍ଚକତା କରି ଗୃହ ନିର୍ମାଣ ନ କରି ଅର୍ଥ ହରିଲୁଟର ତଦନ୍ତ ଆବଶ୍ୟକ ରହିଛି ଓ ଜାଗା ମିଶନ ଗତ ସରକାର ଅମଳରେ କାର୍ଯ୍ୟକାରୀ ଥିଲା। ବର୍ତ୍ତମାନ ୨ ବର୍ଷ ହେବ ଏହି ଯୋଜନା ବନ୍ଦ ହୋଇଯାଇଛି। ଘଟଣାର ତଦନ୍ତ ପରେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ଗରିବ ଅସହାୟ ପରିବାରଠାରୁ ଅର୍ଥ ଆଦାୟ କରି ଜାଗା ନଦେବା ଓ ଚଞ୍ଚକତା କରି ଗୃହ ନିର୍ମାଣ ନ କରି ଅର୍ଥ ହରିଲୁଟ ଅଭିଯୋଗ ମାମଲାର ଉଚ୍ଚସ୍ତରୀୟ ଯାଞ୍ଚ ସହିତ ଦୋଷୀ ଅଧିକାରୀ, ନେତା, କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ କରିବା ନେଇ ବିଭିନ୍ନ ମହଲରୁ ଦାବି ହେଉଛି।

